ESTD. 1994

Institute of Media Studies

**Institute of Media Studies**
(Affiliated to Utkal University)
Orissa Co-operative Housing Corp. complex
Unit-III, Kharvel Nagar, Bhubajneswar-751001
Tel: 0674 – 2394312, Fax -: 0674 – 2394314
E-mail:iims_bbsar@rediffmail.com, imsodisha@gmail.com
Website: www.imsorissa.org.in


# ନିଯୁକ୍ତିରେ ମହିଳାଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର ୧୮/୧୦/୨୦୧୭: ଆଜି ଇନିଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍‌ରେ ମହିଳା ନିଯୁକ୍ତିରେ ଲିଙ୍ଗଗତ ପାର୍ଥକ୍ୟ ଓ ଏହାର ପ୍ରଭାବ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଅଛି । ଏଥିରେ ଯୋଗଦେଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଇନା ର ସମ୍ପାଦିକା ଲିଙ୍ଗଗତ ପାର୍ଥକ୍ୟ ଉପରେ ଗୁରୁତ୍ୱ ଦେଇ ଝିଅଟିଏ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ କିପରି ଅସମାନତାର ଶିକାର ହୋଇଥାଏ ତାହାଉପରେ ଆଲୋକପାତ କରିଥିଲେ । ଓଡ଼ିଶା ମହିଳା ଆୟୋଗର ସଦସ୍ୟା ସ୍ନିଗ୍ଧା ପାଣିଗ୍ରାହୀ କର୍ମକ୍ଷେତ୍ରରେ ମହିଳାମାନଙ୍କ ପ୍ରତି ହେଉଥିବା ଅସଦାଚରଣ ଘଟଣା ଦିନକୁ ଦିନ କିପରି ବଢୁଛି ଏବଂ ଗ୍ରାମାଂଚଳରେ ଦୈନିକ ମଜୁରୀ କ୍ଷେତ୍ରରେ ନାରୀ ଓ ପୁରୁଷ ମଧ୍ୟରେ ତଫାତ୍ ଦେଖିବାକୁ ମିଳୁଛି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ । ତେଣୁ ଏସବୁକୁ ରୋକିବା ପାଇଁ ବିଭିନ୍ନ ଆଇନ କାନୁନ୍‌ର ସଠିକ ପ୍ରଣୟନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

ଅନ୍ୟତମ ଅତିଥି ଭାବେ ହ୍ୟୁମ୍ୟାନ୍ ଡେଭେଲପମେଂଟ ଫାଉଣ୍ଡେସନ୍‌ର ସମ୍ପାଦକ ସୁଦର୍ଶନ ଦାସ ବର୍ତ୍ତମାନ ସମୟରେ ମହିଳାମାନେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଛନ୍ତି ଏବଂ ସେମାନଙ୍କ ନିଯୁକ୍ତି ପାଇଁ ସରକାର ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରିଛନ୍ତି ବୋଲି ମତ ପ୍ରକାଶ କରିଥିଲେ । ନାରୀ ଦେଶର ପ୍ରଗତିରେ ଭାଗୀଦାର ବୋଲି ସେ କହିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ କ୍ଳାପ୍‌ର ଉପସଭାପତି ସଙ୍ଗୀତା ମାଝି, ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢୀ, ଡଃ ଗାୟତ୍ରୀ ପଟ୍ଟନାୟକ, ରଘୁନାଥ ମଣ୍ଡଳ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।